# ରେନ୍ ବୋ ପ୍ରାଇଡ୍ ୱାକ୍: ଜୁନ୍ ୨୭, ୨୦୦୯: ଭୁବନେଶ୍ୱର

## *ଭାରତୀୟ ଦଣ୍ଡବିଧି ଆଇନ ସଂହିତା, ଧାରା-୩୭୭ ଅଧିକାରକୁ କ୍ଷୁର୍ଣ୍ଣ କରେ - ଆମର ଓ ଆପଣଙ୍କର! ଆପଣଙ୍କର ଏହି ପ୍ରତିବାଦକୁ ତାଲିକାଭୁକ୍ତ କରିବା ପାଇଁ ଆସନ୍ତୁ ଏବଂ ଆମମାନଙ୍କ ସହ ଏହି ସ୍ୱାଭିମାନ ଯାତ୍ରାରେ ସାମିଲ ହୁଅନ୍ତୁ ।*

- ଅର୍ଜୁନ (ଛଦ୍ମ ନାମ) ଭୁବନେଶ୍ୱରସ୍ଥିତ ଜଣେ ବ୍ୟକ୍ତି, ଯିଏ କି ଯୌନ ରୋଗରେ ପ୍ରପୀଡିତ ଥିଲେ ଏବଂ ଏକ ସରକାରୀ ଡାକ୍ତରଖାନାରେ ଜଣେ ଡାକ୍ତର ତାଙ୍କୁ ଚିକିତ୍ସା କରିବା ପାଇଁ ମନା କରିଦେଇଥିଲେ । ଯେତେବେଳେ ଯୌନ ସଂଖ୍ୟାଲଘୁ ଗୋଷ୍ଠୀମାନଙ୍କର ଏକ ସହାୟକ ଦଳ ସେହି ଡାକ୍ତର ଉପରେ ଚାପ ପକାଇଲେ, ସେ ଅର୍ଜୁନର ଯାଞ୍ଚ କଲେ କିନ୍ତୁ ଅନ୍ୟ ସମସ୍ତ ରୋଗୀମାନଙ୍କ ସମ୍ମୁଖରେ ତା'ର ଯାଞ୍ଚ କଲେ ଏବଂ ତାକୁ ଉଦ୍ଦେଶ୍ୟମୂଳକ ଭାବେ ଅପଦସ୍ତ କଲେ । ଦୁଃଖରେ ମ୍ରିୟମାଣ ଅର୍ଜୁନ ପୁନର୍ବାର କେବେବି ଚିକିତ୍ସା ପାଇଁ ଡାକ୍ତରଖାନାକୁ ଫେରିଲା ନାହିଁ ।

- ସମ୍ବଲପୁରର ଅନିମେଷ (ଛଦ୍ମ ନାମ), ଯିଏ କି ଜଣେ ରୂପାନ୍ତରକାମୀ ପୁରୁଷ, କେତେ ଜଣ ନିରାପତ୍ତା ଅଧିକାରୀମାନଙ୍କ ଦ୍ୱାରା ଧର୍ଷିତ ହୋଇଥିଲେ ଏବଂ ତା'ପରେ ନିଶା ଔଷଧ ଛୁଞ୍ଚି ମାଧ୍ୟମରେ ଦିଆଯାଇଥିଲା । ଅନିମେଷ ନ୍ୟାୟ ପାଇବାକୁ ଲଢିବାକୁ ତା ସହିତ କେହି ନ ଥିଲେ । କିଛି ମାସ ପରେ ସେ ଏଚଆଇଭି ଦ୍ୱାରା ସଂକ୍ରମିତ ହୋଇଥିବା ଜଣାପଡିଲା ଏବଂ ଏହା ସେହି ଧର୍ଷଣ ଯୋଗୁଁ ହୋଇଥିବା, ଡାକ୍ତରମାନେ ବିଶ୍ୱାସ କରନ୍ତି ।

- ମୀନା (ଛଦ୍ମ ନାମ), ଯିଏ କି ଜଣେ ରୂପାନ୍ତରକାମୀ ପୁରୁଷ, ଯେତେବେଳେ ନିଜର  ଯୌନ ପରିଚୟ ପରିବାର ବର୍ଗଙ୍କ ଆଗରେ ପ୍ରକାଶ କଲା, ପରିବାର ବର୍ଗ ତାକୁ ଧକ୍କା ମାରି ଘରୁ ବାହାର କରିଦେଇଥିଲେ । ବର୍ତ୍ତମାନ ସେ ନିଜର କିଛି ରୂପାନ୍ତରକାମୀ (କୋତି) ସାଙ୍ଗମାନଙ୍କ ସହ ରହେ ।

**ଏଗୁଡିକ କୌଣସି ପ୍ରକାର ପୃଥକ ଘଟଣା ନୁହେଁ ।** ସମଲିଙ୍ଗୀ ନାରୀ, ସମଲିଙ୍ଗୀ ପୁରୁଷ, ଉଭୟଲିଙ୍ଗୀ ଏବ ଅନ୍ୟାନ୍ୟ ଯୌନ ଅବହେଳିତ ଲୋକମାନଙ୍କୁ ସବୁବେଳେ ସମାଜର ଲଗାତାର ଚାପ ମଧ୍ୟରେ ବଞ୍ଚିବାକୁ ପଡେ । ଜଣେ ବ୍ୟକ୍ତିର ଯୌନତାର ପରିଚୟ ବିଷୟରେ କଥା ହେବା ଏବଂ ଏହାର ପରିପ୍ରକାଶ ଅତ୍ୟନ୍ତ ମାନସିକ ଚାପ, ଅଧିକାଂଶ ସମୟରେ ହିଂସା ଓ ସମାଜଚ୍ୟୁତର ଫଳାଫଳ ପ୍ରଦାନ କରିଥାଏ । ଏହା ଅନେକ ବ୍ୟକ୍ତିଙ୍କର ଜୀବନ ମୂଲ୍ୟବିହିନ କରିଥାଏ । ଏହିସବୁ ଘଟଣା, ସମାଜର ମତଭେଦ ପ୍ରତି ଥିବା ଚିନ୍ତାଧାରାକୁ ଉଦାହରଣ ସ୍ୱରୂପ ଦେଖାଇଥାଏ । ସମଲିଙ୍ଗୀ ପ୍ରେମ ଆମ ଭାରତର ସାମାଜିକ ମୂଲ୍ୟବୋଧର ବିରୋଧରେ ଯାଏ, ଯାହାକି ସମ୍ପୁର୍ଣ୍ଣ କୁଟାତ୍ମକ ଚିନ୍ତାଧାରା ଅଟେ । ଅତି ସୁନ୍ଦର ଭାବେ ଖୋଦିତ କୋଣାର୍କ ମନ୍ଦିର ଓ ଖଜୁରାହୋ ମନ୍ଦିର କେଉଁ ଜନ୍ମଜନିତ ସୂତ୍ରରୁ ଯୌନ ଭିନ୍ନତାର ସମାରୋହର ପୃଥିବୀ ବିଖ୍ୟାତ ଉଦାହରଣ ହୋଇ ରହିଛନ୍ତି । ଏପରିକି ୧୯୯୦ ମସିହାରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ସମଲିଙ୍ଗୀ ସଂପର୍କକୁ ମାନସିକ ଅସୁସ୍ଥତାର ଶ୍ରେଣୀରୁ ବାଦ୍ କରିଦେଇଛି ।

**ଭାରତୀୟ ଦଣ୍ଡବିଧି ସଂହିତାର ଧାରା-୩୭୭ ଆମ ସମ୍ବିଧାନର ବିରୋଧରେ ଯାଏ:** ଯୌନ କୁଟତାର ଅନ୍ୟ ଏକ ଉଦାହରଣ ହେଲା ଧାରା-୩୭୭ । ଲିଙ୍ଗ-ଯୋନିଯୁକ୍ତ ଯୌନ କ୍ରିୟାକୁ ବାଦଦେଇ ଅନ୍ୟ ସମସ୍ତ ଯୌନ କ୍ରିୟାକୁ ଏହି ନିୟମ ଅପରାଧମାନେ । ଏହି ଆଇନ୍ ବ୍ରିଟିଶ ଅମଳରୁ ଚାଲିଆସିଥିବା ନୀତି ନିୟମର ଫଳାଫଳ, (୧୮୬୦ ମସିହାରେ ଏହା ଲେଖାଯାଇଥିଲା) ଯାହାକି ମୌଖିକ ଓ ଗୁହ୍ୟଦ୍ୱାର ସମ୍ବନ୍ଧୀୟ ଯୌନକ୍ରିୟା, ଏପରିକି, ସମ୍ମତିପୂର୍ଣ୍ଣ ପ୍ରାପ୍ତ ବୟସ୍କ ବ୍ୟକ୍ତିମାନଙ୍କ କ୍ଷେତ୍ରରେ ମଧ୍ୟ ଅପରାଧମାନେ । ଏହା କହେ ଯେ, ଯୌନକ୍ରିୟାର ମୂଳ ଉଦ୍ଦେଶ୍ୟ ହେଲା ନୂତନ ଜୀବନର ସୃଷ୍ଟି । ଯଦିଓ ଏହା ସମଲିଙ୍ଗୀ ଯୋଡିଦାରମାନଙ୍କ ଅପେକ୍ଷା ବିପରୀତଲିଙ୍ଗୀ ଯୋଡିଦାରମାନଙ୍କ କ୍ଷେତ୍ରରେ ଅଧିକ ମାତ୍ରାରେ ପ୍ରଯୁଜ୍ୟ, ତଥାପି ଏହା ସେହି ସମଲିଙ୍ଗୀ ଯୋଡିଦାର, ଯାହାଙ୍କୁ ଆଇନ୍ ଆଘାତର ପ୍ରଚଣ୍ଡତାକୁ ସହ୍ୟ କରିବାକୁ ପଡେ ।

ଯଦିଓ ବର୍ତ୍ତମାନ ସୁଦ୍ଧା ଧାରା-୩୭୭ ରେ ପ୍ରକୃତରେ ଦୋଷୀର ସଖ୍ୟା ଖୁବ କମ (୧୮୬୦ ମସିହାରୁ ୨୦୦୦ ଭିତରେ ମାତ୍ର ୨୯ ଜଣ), ଆଇନର ଭୟାବହତା ପ୍ରକୃତ ଆକାରଠାରୁ ବଡ ଜଣାପଡେ । ଏହି ଆଇନର ସ୍ଥିତି, ସମଲିଙ୍ଗୀ ନାରୀ ଓ ପୁରୁଷମାନଙ୍କୁ ହଇରାଣ କରିବା ଏବଂ ଅନ୍ୟାୟ ଭାବେ ଟଙ୍କା ପଇସା ଛଡାଇ ନେବାରେ ପୋଲିସକୁ ସମର୍ଥନ କରେ ।  ଏପରିକି ଏହି ଗୋଷ୍ଠୀମାନଙ୍କ ସହ ଜୀବନ ରକ୍ଷା ମୂଳକ ସ୍ୱାସ୍ଥ୍ୟ ସେବା କରୁଥିବା ବେସରକାରୀ ସଂସ୍ଥା ଗୁଡିକ ମଧ୍ୟ ଏହି ଆଇନର ଭୟ ମଧ୍ୟରେ କାର୍ଯ୍ୟ କରନ୍ତି । ମୂଳତଃ, ଏହା ଜଣେ ବ୍ୟକ୍ତିର ଗଣତାନ୍ତ୍ରିକ ଅଧିକାରରେ ହସ୍ତକ୍ଷେପ କରେ ଏବଂ ଭାରତୀୟ ସମ୍ବିଧାନ ବିରୋଧରେ ଯାଏ । ଆଇନଜ୍ଞଙ୍କ ଅନୁସାରେ, ଧାରା ୩୭୭ ପରିଷ୍କାର ଭାବେ ଦଫା ୧୪ (ସମାନତାର ଅଧିକାର), ଦଫା ୨୧ (ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତାର ଅଧିକାର) ଏବଂ ସମ୍ବିଧାନର ଅନ୍ୟାନ୍ୟ ଆୟୋଜିତ ବ୍ୟବସ୍ଥାକୁ ମଧ୍ୟ ଉଲଂଘନ କରେ ।

**ଭାରତୀୟ ଦଣ୍ଡବିଧି ସଂହିତାର ଧାରା-୩୭୭ ବିରୋଧରେ  ଆନ୍ଦୋଳନାତ୍ମକ ଆହ୍ୱାନ:** ନାଜ୍ ଫାଉଣ୍ଡେସନ୍ ଟ୍ରଷ୍ଟ (ଭାରତ) ଦ୍ୱାରା ୨୦୦୧ ମସିହାରେ ଏକ ଜନମତ ମାମଲା ଦାୟର କରାଯାଇଥିଲା, ଯାହାକି ସମ୍ମତିପୂର୍ଣ୍ଣ ପ୍ରାପ୍ତ ବୟସ୍କମାନଙ୍କ ସମଲିଙ୍ଗୀ ସଂପର୍କକୁ ଅପରାଧଭାବେ ବିଚାର କରୁଥିବା ଆଇନକୁ ଖାରଜ କରିବାପାଇଁ ସାର୍ବଜନୀନ ସାମୂହିକ ସଂଗଠନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଜାତୀୟ ଏଡ୍ସ ନିୟନ୍ତ୍ରଣ ସଂଗଠନ ଏବଂ ନିକଟରେ ଏପରିକି ନୂତନ ନ୍ୟାୟ ଏବଂ ଆଇନ୍ ମନ୍ତ୍ରୀ, ଶ୍ରୀ ବିରପ୍ପା ମୋଇଲିଙ୍କ ସହଯୋଗରେ ସେହି ଜନମତ ମାମଲା ଦିଲ୍ଲୀ ହାଇକୋର୍ଟରେ ଅଦାଲତରେ ବିଚାର ଯୋଗ୍ୟ ଅଛି । ନୋବେଲ ପୁରସ୍କାର ପ୍ରାପ୍ତ ଅମର୍ତ୍ତ୍ୟସେନଙ୍କ ଭଳି ପ୍ରସିଦ୍ଧ ବ୍ୟକ୍ତି ବିଶେଷ ମଧ୍ୟ ଧାରା ୩୭୭ କୁ ସଂଶୋଧନ କରିବା ପାଇଁ ଦିଆଯାଇଥିବା ଆହ୍ୱାନକୁ ସମର୍ଥନ କରିଛନ୍ତି ।

**ଯୁକ୍ତରାଷ୍ଟ୍ରଗୁଡିକର ସ୍ଥିତି:** ୨୦୦୮ ମସିହା ଡିସେମ୍ବର ମାସରେ, ଯୁକ୍ତ ରାଷ୍ଟ୍ର ସଂଘର ସାଧାରଣ ସଭା ମଧ୍ୟ ସମର୍ଥନ ଦେଇ କହିଛି ଯେ, ସମସ୍ତ ଯୌନବର୍ଗ ଓ ଲିଙ୍ଗ ପରିଚୟଧାରୀ ବ୍ୟକ୍ତିଙ୍କୁ ଆନ୍ତର୍ଜାତୀୟ ମାନବିକ ଅଧିକାର ସୁରକ୍ଷା ମଧ୍ୟରେ ସାମିଲ୍ କରାଯିବାକୁ ଆହ୍ୱାନ ଦେଇଛି । ବିଶ୍ୱ ମାନବିକ ଅଧିକାରର ଘୋଷଣାନାମା  ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ, ଏଣୁ ଭାରତ ଏକ ଉନ୍ନତ ଓ ଗଣତନ୍ତ୍ର ରାଷ୍ଟ୍ର ହିସାବରେ ଯୌନ ସଂଖ୍ୟାଲଘୁ ବ୍ୟକ୍ତିମାନଙ୍କ ସମସ୍ୟାକୁ ସ୍ୱୀକାର କରିବା ଉଚିତ୍ ।

**ରେନ୍ ବୋ ପ୍ରାଇଡ୍ ୱାକ୍ (ସ୍ୱାଭିମାନର ଯାତ୍ରା):** ସମଲିଙ୍ଗୀ ନାରୀ ଓ ପୁରୁଷ, ଉଭୟଲିଙ୍ଗୀ ପୁରୁଷ ଓ ସ୍ତ୍ରୀ ଏବଂ ଲିଙ୍ଗ ପରିବର୍ତ୍ତିତ ବ୍ୟକ୍ତିମାନଙ୍କ ପ୍ରତି ଥିବା ସାମାଜିକ ବାସନ୍ଦ ଓ ଘୃଣାଭାବ ବିରୋଧରେ ଲଢିବା ପାଇଁ ଏହା ଏକ ଉଦ୍ୟମ । ଏହା ବର୍ତ୍ତମାନ ମାନବ ଅଧିକାରର ସକ୍ରିୟ କାର୍ଯ୍ୟବଳୀଭାବେ ବିଭିନ୍ନ ସ୍ଥାନରେ ଏକ ବାର୍ଷିକ ଉତ୍ସବ ରୂପେ ପାଳନ କରାଯାଉଛି, ଯାହାକି ପ୍ରତ୍ୟେକ ବ୍ୟକ୍ତି ଓ ସଂସ୍ଥାଗୁଡିକୁ ଯୌନ ସଂଖ୍ୟାଲଘୁ ବର୍ଗଙ୍କ ପାଇଁ ଥିବା ସାମାଜିକ ବାସନ୍ଦ ଓ ଘୃଣାଭାବ ବିରୋଧରେ ଲଢିବା ପାଇଁ ଆହ୍ୱାନ ଦିଏ । ସେହି ସମାନ ପ୍ରକାରର କାର୍ଯ୍ୟକ୍ରମ ଚଳିତ ବର୍ଷ ପୃଥିବୀର ବିଭିନ୍ନ ସ୍ଥାନରେ ମଧ୍ୟ ଆୟୋଜିତ ହେଉଛି । ବାଙ୍ଗାଲୋର, ଚେନ୍ନାଇ, ଦିଲ୍ଲୀ, କଲିକତା ଏବ ବମ୍ବେ ଭଳି ସହର ମଧ୍ୟ ଏହି ପ୍ରାଇଡ କାର୍ଯ୍ୟକ୍ରମକୁ ପାଳନ କରିବାକୁ

ଯାଉଛି । ଭାରତରେ ରେନ-ବୋ ପ୍ରାଇଡ୍ ୱାକ୍ ପ୍ରଥମ ଥର ପାଇଁ ୧୯୯୯ ମସିହାରେ କଲିକତାରେ ଆୟୋଜିତ ହୋଇଥିଲା । ଏହି ପ୍ରାଇଡ୍ ୱାକ୍ ବର୍ତ୍ତମାନ ପ୍ରଥମ ଥର ପାଇଁ ଓଡିଶାର ଭୁବନେଶ୍ୱରରେ ଆୟୋଜିତ ହେବାକୁ ଯାଉଛି, ଯଦିଓ ଅନ୍ୟାନ୍ୟ ପ୍ରାଇଡ୍ କାର୍ଯ୍ୟକ୍ରମ ଯେପରିକି ସିଦ୍ଧାର୍ଥ ଗୌତମ ଚଳଚିତ୍ର ମହୋତ୍ସବ ଗତ ୨୦୦୭ ରୁ ଓଡିଶାରେ ପାଳିତ ହୋଇ ଆସୁଛି ।

**ବିଭିନ୍ନ ପ୍ରକାର ଯୌନନତାର ପ୍ରକାଶ ଭଙ୍ଗୀକୁ ନେଇ ରେନ୍ ବୋ (ଇନ୍ଦ୍ରଧନୁ) ର ସାତଟି ରଂଗକୁ ସୂଚିତ କରାଯାଇଛି ।** ପ୍ରତ୍ୟେକ ବର୍ଗର ସ୍ୱାଭିମାନର ମୂଲ୍ୟ ସମାନ । ସମଗ୍ର ପୃଥିବୀରେ ଅନେକ ସମଲିଙ୍ଗି ପୁରୁଷ, ନାରୀ, ଉଭୟଲିଙ୍ଗି ପୁରୁଷ, ନାରୀ ଏବ ଲିଙ୍ଗ ପରିବର୍ତ୍ତିତ ବ୍ୟକ୍ତିମାନେ ଏହି ରେନ୍-ବୋକୁ ବିଭିନ୍ନତା ଭିତରେ ସମନତା ଓ ସଂଘତାର ଚିହ୍ନ ରୂପେ ଆବୋରି ନେଇଛନ୍ତି । ରେନ୍-ବୋ ପ୍ରାଇଡ୍ ୱାକ୍ ପ୍ରତିବର୍ଷ ପଛକୁ ଫେରି ଚାହେଁ । ସେହି ଭାରତୀୟ ଇତିହାସର ପ୍ରଷ୍ଠାରେ ଥିବା ସମଲିଙ୍ଗି ପ୍ରେମ କାହଣୀକୁ ସେଥି ପ୍ରୋତ୍ସାହନ ପାଇବା ପାଇଁ ତଥା ସେହି ଅଗ୍ରଣୀ କର୍ମୀ ଯେଉଁମାନେ କଠୋର ପରିଶ୍ରମ କରି ସମସ୍ତ ପ୍ରକାର ଯୌନତା ସମ୍ପନ୍ନ ବର୍ଗ ଓ ଲିଙ୍ଗ ପରିଚୟପତ୍ରଧାରୀ ଏବଂ ସେମାନଙ୍କ ସମ୍ବନ୍ଧିତ ଯୌନ ସ୍ୱାସ୍ଥ୍ୟ ସମସ୍ୟାଗୁଡିକୁ ଏକ ବୃହତ୍ତର ମାନବ ଅଧିକାର ଆନ୍ଦୋଳନରେ ସାମିଲ କରିଥିଲେ, ସେମାନଙ୍କଠାରୁ କିଛି ଉତ୍ସାହ ପାଇବା ପାଇଁ ମଧ୍ୟ ଏବଂ ୧୯୬୯ ମସିହାରେ ଆମେରିକାର ନ୍ୟୁୟର୍କ ସହରରେ ହୋଇଥିବା 'ଷ୍ଟୋନ୍ ୱାଲ୍ ରାୟଟ୍ସ' ଭଳି କାର୍ଯ୍ୟକ୍ରମକୁ ଆଲୋକପାତ କରାଇବାପାଇଁ ଏହି ଦଙ୍ଗା ସସମୟରେ ଆମେରିକାରେ ଥିବା ଯୌନ ସଂଖ୍ୟାଲଘୁ ବର୍ଗଙ୍କର ପୋଲିସ ନିର୍ଯ୍ୟାତନାର ବିରୁଦ୍ଧରେ ହୋଇଥିଲା, ଯାହାକି ସେମାନଙ୍କ ପାଇଁ ଏକ ଦୈନନ୍ଦିନ ଘଟ୍ଣା ହୋଇ ସାରିଥିଲା, ଯାହାକୁ କି ପାଶ୍ଚାତ୍ୟ ଦେଶରେ ହୋଇଥିବା ସମଲିଙ୍ଗି ନାରୀ, ପୁରୁଷ, ଉଭୟଲିଙ୍ଗି ପୁରୁଷ ଓ ନାରୀ ଏବ ଲିଙ୍ଗ ପରିବର୍ତ୍ତିତ ବ୍ୟକ୍ତି ମାନଙ୍କର ଏକ ଆଧୁନିକ ଆନ୍ଦୋଳନ ବୋଲି କୁହାଯାଇପାରେ । ଧିରେ ଧିରେ ସେହି ଆନ୍ଦୋଳନ ବର୍ତ୍ତମାନ ଭାରତ ଓ ଅନ୍ୟାନ୍ୟ ଦେଶରେ ମଧ୍ୟ ଆନ୍ଦୋଳନ ପାଇଁ ପ୍ରୋତ୍ସାହନ ଭାବେ କାର୍ଯ୍ୟ କରୁଛି ।

**ଆମେ ଆମର ଏହି ଉଦ୍ୟମକୁ ଏକ ସଫଳତାରେ ପରିଣତ କରିବା ପାଇଁ ଆପଣଙ୍କ ସହଯୋଗ ଚାହୁଁ ।** ବର୍ତ୍ତମାନ ଆନ୍ୟାୟ ବିରୁଦ୍ଧରେ ଲଢିବାର ସମୟ  । ଆମେ ଆପଣଙ୍କୁ ଏହି ରେନ୍ ବୋ ପ୍ରାଇଡ୍ ୱାକ୍ ରେ ଯୋଗ ଦେବାପାଇଁ ଏବଂ ଏହାକୁ ସଧାରଣ କଣ୍ଠସ୍ୱରରେ ପରିଣତ କରିବା ପାଇଁ ସ୍ୱାଗତ କରୁଛୁ । ଆମେ ମିଳିମିଶି ଏକ ପରିବର୍ତ୍ତନ ଆଣିପାରିବା ।

**ଭାରତୀୟ ଦଣ୍ଡବିଧି ସଂହିତାର ଧାରା-୩୭୭ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଆମ ସହ ହାତ ମିଳାନ୍ତୁ!**

**ଆଗେଇ ଆସନ୍ତୁ । ଆମ ସହ କଥାବାର୍ତ୍ତା କରନ୍ତୁ । ଆପଣଙ୍କ ଅଭିଜ୍ଞତା  ଆମ ସହ ବାଣ୍ଟନ୍ତୁ ଏବଂ ଆମ ଅଭିଜ୍ଞତାକୁ ଜାଣନ୍ତୁ ।**

---

ଅଧିକ ଜାଣିବା ପାଇଁ, ୨୦୦୯ ର ରେନ୍ ବୋ ପ୍ରାଇଡ୍ ୱାକ୍ ଆୟୋଜନ କରୁଥିବା ସଂସ୍ଥାଗୁଡିକ ସହ ଯୋଗାଯୋଗ କରନ୍ତୁ:

**Sakha:** sakha.orissa@gmail.com; **Institute for Development Programmes and Research (IDPR):** sudeshna.sparshha@gmail.com; **Solidarity and Action Against The HIV Infection in India (SAATHII):** saathii@yahoo.com

(ଏ ସମସ୍ତ ସଂସ୍ଥା 'ସଂପର୍କ' ନାମକ ଏକ ସାମୂହିକ ସଂଗଠନ, ଯେକି ଓଡିଶାରେ ଯୌନ ସଂଖ୍ୟାଲଘୁ ଗୋଷ୍ଠୀ ଏବଂ ଏଚଆଇଭି ଯୁକ୍ତ ବ୍ୟକ୍ତିମାନଙ୍କର ଦକ୍ଷତା ବୃଦ୍ଧିକରିବା ଏବଂ ସେମାନଙ୍କର ସ୍ୱାସ୍ଥ୍ୟ ଓ ଅଧିକାର ଦିଗରେ କାର୍ଯ୍ୟକରେ । ଏହା ସାଥୀର ଏକ ପ୍ରାରମ୍ଭିକ ସୂତ୍ରପାତ, ଯାହାକି ଇଣ୍ଟରାକ୍ଟ୍ ୱାର୍ଲଡ୍ୱାଇଡ୍ , ଲଣ୍ଡନ ଏବଂ ଡିଏଫ୍ଆଇଡି - ସିଭିଲ୍ ସୋସାଇଟି ଚାଲେଞ୍ଜ ଫଣ୍ଡ୍, ଗ୍ଲାସ୍ଗୋ ସହ ମିଳିତ ଭାବେ କାର୍ଯ୍ୟ କରେ ।)

**ରେନ୍ ବୋ ପ୍ରାଇଡ୍ ୱାକ୍ (ସ୍ୱାଭିମାନର ଯାତ୍ରା) ୨୦୦୯ ଏବଂ ସେ ସମ୍ବନ୍ଧିତ କାର୍ଯ୍ୟକ୍ରମ (ଜୁନ୍ ୨୭, ୨୦୦୯)**

- **୧୦·୦୦:** (ସକାଳ) କାର୍ଯ୍ୟଶୁଭାରମ୍ଭ, ଇଉ୍କଲ ହାଉସ୍, ଭୁବନେଶ୍ୱର - ସାଥୀ ସଂସ୍ଥାର ମିତାଲି ମହାନ୍ତିଙ୍କ ଦ୍ୱାରା ସ୍ୱାଗତ ଭାଷଣ (ସତ୍ୟ ସୁନ୍ଦର ମିଶ୍ର, ସଖା ଏବ ସୁଦେଷ୍ଣା ସତପଥୀ, ଆଇଡିପିଆର ତାଙ୍କୁ ସହଯୋଗ କରିବେ) ।
- **୧୦·୨୦:** ଅତିଥିମାନଙ୍କ ଦ୍ୱାରା କିଛି ଗୁରୁତ୍ୱପୂର୍ଣ୍ଣ ବିବରଣୀ ପ୍ରଦାନ ।
- **୧୧·୦୦:** ସାମ୍ବାଦିକମାନଙ୍କୁ ପ୍ରଶ୍ନ ପାଇଁ ଆମନ୍ତ୍ରଣ ।
- **୧୧·୩୦:** ଚଳଚିତ୍ର ପ୍ରଦର୍ଶନ: 'ରେନ୍ ବୋ ପ୍ରାଇଡ୍ ୱିକ୍ ୨୦୦୭ - ବିଭିନ୍ନ ଯୌନତା ମଧ୍ୟରେ ସମାନତାର ବାର୍ଷିକ ମହୋତ୍ସବ' - ରେନ୍ ବୋ ପ୍ରାଇଡ୍ ପ୍ରଛଦ ପଟର ଇତିହାସ ଉପରେ ଏକ ନଜର ।
- **୧୨·୩୦:** ଛାତ୍ର ଓ ଯୁବ ସମାଜ ସହ ଖୋଲାଖୋଲି ଆଲୋଚନା ।
- **୧୩·୧୫:** ସଭାସାଙ୍ଗ ବିବରଣୀ ଓ ମଧ୍ୟାହ୍ନ ଭୋଜନ ।
- **୧୬·୦୦:** ପଥପ୍ରାନ୍ତ ନାଟକ କାର୍ଯ୍ୟକ୍ରମରୁ ରେନ୍ ବୋ ପ୍ରାଇଡ୍ ୱାକ୍ ଆରମ୍ଭ (ରାସ୍ତା: ମାଷ୍ଟର କ୍ୟାଣ୍ଟିନ୍ ଠାରୁ ସୁଭମ୍ ମାର୍କେଟ୍ କମ୍ପ୍ଲେକ୍ସ, ଭାୟା-ଶ୍ରୀୟା ଛକ ଓ ରାମ ମନ୍ଦିର ଛକ)
- **୧୭·୩୦:** ଯାତ୍ରା ସମାପ୍ତ ସ୍ଥାନରେ ଏକ ସର୍ବସାଧାରଣ ସଭା, ମହମବତୀ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଏବଂ ସଭା ସାଙ୍ଗ ବିବରଣୀ ।

**ଯୋଗାଯୋଗ:** ମାୟାଧର ରଥ, ସାଥୀ - ୦୬୭୪ ୨୩୯ ୧୨୪୫; ୦୯୯୩୭୦ ୨୪୦୧୪